## ଆଜି କ'ଣ କେଉଁଠି

ଅନୁଗୋଳ
- ବାସନ୍ତୀ ଦୁର୍ଗା ସପ୍ତମୀ ପୂଜା, ସ୍ଥାନ- ଅମଲାପଡ଼ା ବାସନ୍ତୀଦୁର୍ଗା ପଡ଼ିଆ, ସମୟ- ସକାଳ ୭ଟା୩୦।
- ବାସନ୍ତୀ ଦୁର୍ଗା ପୂଜା କଳସଯାତ୍ରା, ସ୍ଥାନ- ହୁଲୁରିସିଂହା ଦଶହରା ପଡ଼ିଆ, ସମୟ- ସକାଳ ୭ ଘଟିକା।
- ରେସିଡେଣ୍ଟାଲ କମିଟି ବୈଠକ, ସ୍ଥାନ- ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ସମୟ- ପୂର୍ବାହ୍ନ ୧୧ ଘଟିକା।

## ସଂକ୍ଷେପରେ

### ୭୧ ପଜିଟିଭ୍ ଚିହ୍ନଟ

ଅନୁଗୋଳ ଅଫିସ, ୧୮।୪: ଅନୁଗୋଳ ଜିଲାରୁ ରବିବାର ୭୧ ଜଣ ନୂଆ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ପଜିଟିଭ୍ ସଂଖ୍ୟା ୧୩ ହଜାର ୧୨୫ ହୋଇଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂଆ ସଂକ୍ରମିତଙ୍କ ମଧ୍ୟରେ ଛେଣ୍ଡିପଦା ବ୍ଲକରୁ ୧୪ ଜଣ, କଣିହାଁ ବ୍ଲକରୁ ୧୦, ତାଳଚେର ପୌରାଞ୍ଚଳରୁ ୧୦, ଅନୁଗୋଳ ପୌରାଞ୍ଚଳରୁ ୯, କିଶୋରନଗର ବ୍ଲକରୁ ୯, ବଣ୍ଟଁରପାଳ ବ୍ଲକରୁ ୯, ତାଳଚେର ବ୍ଲକରୁ ୬, ଅନୁଗୋଳ ବ୍ଲକରୁ ୨, ଆଠମଲ୍ଲିକ ବ୍ଲକରୁ ଜଣେ ଓ ପାଲଲହଡ଼ା ବ୍ଲକରୁ ଜଣେ ରହିଛନ୍ତି। ଅନ୍ୟପକ୍ଷରେ ଜିଲାରୁ ୪୩ ଜଣ ସଂକ୍ରମିତ କରୋନାରୁ ସୁସ୍ଥ ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

### ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ପ୍ରତିଷ୍ଠା ଦିବସ

କଣିହାଁ,୧୮।୪(ଡି.ଏନ.ଏ.): ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) କଣିହାଁ ଆଞ୍ଚଳିକ କମିଟି ପକ୍ଷରୁ ୭୩ତମ ପ୍ରତିଷ୍ଠା ଦିବସ ଗଦାଶିଳା କାର୍ଯ୍ୟାଳୟଠାରେ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ପ୍ରତିଷ୍ଠାତା ଶିବ ଦାସ ଘୋଷଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ପଶ୍ଚିମବଙ୍ଗ ରାଜ୍ୟ କମିଟି ସମ୍ପାଦକୀୟ ସଦସ୍ୟ ଅଚ୍ୟୁତ ସିହ୍ନା ଓ ମଧ୍ୟପ୍ରଦେଶ ପରିବର୍ଦ୍ଧିତ ରାଜ୍ୟ କମିଟି ସଦସ୍ୟ ହିମାଂଶୁ ଶ୍ରୀବାସ୍ତବଙ୍କ ମୃତ୍ୟୁରେ ନୀରବ ପ୍ରାର୍ଥନା କରାଯାଇଥିଲା। କଣିହାଁ ଆଞ୍ଚଳିକ କମିଟି ସମ୍ପାଦକ ପ୍ରହ୍ଲାଦ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ମୁଖ୍ୟ ବକ୍ତାଭାବେ ଜିଲା କମିଟି ସଦସ୍ୟ ନବକିଶୋର ପ୍ରଧାନ, ମୁଖ୍ୟଅତିଥି ଭାବେ ଜିଲା କମିଟି ସମ୍ପାଦକ ଭିକାରୀ ପ୍ରଧାନ, ଜିଲା କମିଟି ସଭ୍ୟ କୈଳାସ ଚନ୍ଦ୍ର ସାହୁ, ମାନସୀ ସ୍ୱାଇଁ, ଟୁନା ନାଏକ, ପରମାନନ୍ଦ ସାହୁ, କିଶୋର ବିଶ୍ୱାଳ, ନିର୍ମଳା ପ୍ରଧାନ, ଅଭୟ ନାଏକ, ଅନିଲ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

### ବନ୍ଧୁକ ଜବତ, ୪ ଶିକାରୀ ଗିରଫ

ବଈଣ୍ଡା,୧୮।୪(ଡି.ଏନ.ଏ.): ଆଠମଲ୍ଲିକ ବ୍ଲକ ଧଣ୍ଡାତୋପା ରେଞ୍ଜ ହାତୀଧରା ଜଙ୍ଗଲରେ ରବିବାର ସକାଳେ ବନବିଭାଗ ଚଢ଼ାଉ କରି ୪ ଜଣଙ୍କୁ ଗିରଫ କରିବା ସହ ୨ଟି ବନ୍ଧୁକ ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଠାକୁରଗଡ ଥାନା ଗୋପୀନାଥପୁର ଗ୍ରାମର ଦୁଷ୍ମନ୍ତ ବେହେରା, ହୃଷୀ ପ୍ରଧାନ, ସଞ୍ଜୟ ସାହୁ ଓ ଚୈତନ୍ୟ ବେହେରା। ସମ୍ପୃକ୍ତ ୪ ଜଣ ୨ଟି ବନ୍ଧୁକ ଧରି ଜଙ୍ଗଲରେ ଜନ୍ତୁ ଶିକାର କରିବା ପାଇଁ ବୁଲୁଥିବା ଖବରପାଇ ରେଞ୍ଜର ରାହାସ ସାହୁ, ଫରେଷ୍ଟର ସୁବ୍ରତ କୁମାର ଶତପଥୀ, କିଶୋରୀ ଚନ୍ଦ୍ର ପ୍ରଧାନ, ତପସ୍ୱିନୀ ସାହୁ, ତ୍ରିନାଥ ନାୟକ ପ୍ରମୁଖ ଚଢ଼ାଉ କରି ଗିରଫ କରିଥିବା ବନ ବିଭାଗ ସୂତ୍ରରୁ ଜଣାପଡ଼ିଛି।

### ଚୋରା ମଦ ଜବତ, ଜଣେ ଗିରଫ

ଅନୁଗୋଳ ଅଫିସ, ୧୮।୪: ଅନୁଗୋଳ ସହରର ହେମସୁରପଡ଼ା ଦେଇ ଚୋରାମଦ କାରବାର ହେଉଥିଲା। ଏପରି କି ଅବକାରୀ କାର୍ଯ୍ୟାଳୟ ନିକଟ ଦେଇ ଏକ ଗାଡ଼ିରେ ଏହି କାରବାର ଚାଲୁଥିବା ବେଳେ ବିଭାଗର ଅଧିକାରୀମାନେ ଜଣଙ୍କୁ ଗିରଫ କରିଛନ୍ତି। ଗିରଫ ହୋଇଥିବା ଅଭିଯୁକ୍ତ ଜଣକ ହେଲେ ତାଳଚେର ଥାନା ଅନ୍ତର୍ଗତ କନ୍ଧବେରେଣୀ ଅଞ୍ଚଳର ଆନନ୍ଦ ଚନ୍ଦ୍ର ସାହୁ(୩୫)। ତାଙ୍କଠାରୁ ଏକ ମୋଟର ସାଇକେଲ (ନଂ. ଓଡି୧୯-ଜେ-୨୫୩୪) ଓ ମଦ ଜବତ କରାଯାଇଥିବା ଅବକାରୀ ବିଭାଗ ପକ୍ଷରୁ ସୂଚନା ମିଳିଛି।



# ସନ୍ଧାନ ପାଉନି ଶୃଙ୍ଖଳା କମିଟି

**ଅନୁଗୋଳ ଅଫିସ, ୧୮।୪**

- ଅନୁଗୋଳରେ ନାଇଟ୍ କର୍ଫ୍ୟୁରୁ ଫାଇଦା ଉଠାଉଛନ୍ତି ମାଫିଆ
- ମାଲ ପରିବହନ ଦର୍ଶାଇ ଲଘୁ ଖଣିଜ ଚୋରା ଚାଲାଣ
- ବିଳମ୍ବିତ ରାତିରେ ଏସ୍କର୍ଟରେ ଯାଉଛି ଟିପ୍ପର୍, ହାଇୱା



ରାତିରେ ମାଟି ଚୋରାଚାଲାଣ କରାଯାଉଛି।

ଅନୁଗୋଳରେ ଆରମ୍ଭ ହୋଇଛି ନାଇଟ୍ କର୍ଫ୍ୟୁ। ସହରର ବିଭିନ୍ନ ଛକ ଜଗିଛି ପୋଲିସ। ରାତି ୯ଟାରୁ ଭୋର ୫ଟା ମଧ୍ୟରେ ଯାଉଥିବା ଯାତ୍ରୀଙ୍କୁ କଡ଼ାକଡ଼ି ଯାଞ୍ଚ କରାଯାଉଛି। ହେଲେ ମାଲ୍ ପରିବହନ କରୁଥିବା ଗାଡ଼ିଗୁଡ଼ିକ କଟକଣାରୁ ବାହାରେ ଥିବାରୁ ତାହାକୁ ବିନା ତନଖିରେ ଛାଡ଼ି ଦିଆଯାଉଛି। ଆଉ ଏଥିରୁ ଫାଇଦା ଉଠାଉଛନ୍ତି ଲଘୁ ଖଣିଜ ଚୋରା ଚାଲାଣକାରୀ। ସେମାନେ ବିଳମ୍ବିତ ରାତିରେ ମାଟି, ମୋରମ, ବାଲି, ଚିପ୍ସ ଆଦି ଲଘୁ ଖଣିଜ ବିଭିନ୍ନ ସ୍ଥାନକୁ ଚୋରା ଚାଲାଣ କରୁଛନ୍ତି। ଏସକର୍ଟ ମଧ୍ୟରେ ଟିପ୍ପର, ହାଇୱା ଯୋଗେ ଏସବୁ ନିଆଯାଉଥିବା ବେଳେ ପୋଲିସ ଓ ଯୁଗ୍ମ ଶୃଙ୍ଖଳା କମିଟି ଏହାର ସନ୍ଧାନ ପାଉ ନ ଥିବା ଅଭିଯୋଗ ହେଉଛି।

ଅନୁଗୋଳ ଜିଲା ଓ ଉପଖଣ୍ଡରେ ଲଘୁ ଖଣିଜ ଚୋରା କାରବାର ରୋକିବାକୁ ଯୁଗ୍ମ ଶୃଙ୍ଖଳା କମିଟି ଗଢ଼ା ହୋଇଥିଲା। ଏହି କମିଟିରେ ଜଣେ ଡେପୁଟି କଲେକ୍ଟରଙ୍କ ସହ ଆସିଷ୍ଟାଣ୍ଟ କଲେକ୍ଟର, ଆଡିଶନାଲ ତହସିଲଦାର ଓ ପୋଲିସ ଅଧିକାରୀମାନେ ସଦସ୍ୟ ଅଛନ୍ତି। ଅନ୍ୟ ବିଭାଗୀୟ ଅଧିକାରୀମାନେ ମଧ୍ୟ ଚଢ଼ାଉରେ ଯାଉଥିଲେ। କିଛି ମାସ ତଳେ ବଣ୍ଟଁରପାଳ ଅଞ୍ଚଳରେ ମାଟି ଚୋରା ଚାଲାଣ କରୁଥିବା ଗାଡ଼ିଗୁଡ଼ିକୁ ଏହି ବହୁମୁଖୀ ଶୃଙ୍ଖଳା କମିଟି ଧରିଥିଲା। ଏହାକୁ ନେଇ ବିଚଳିତ ହୋଇପଡ଼ିଥିବା ଚୋରା ଚାଲାଣକାରୀମାନେ ସଙ୍ଘବଦ୍ଧ ହୋଇ ପ୍ରଶାସନିକ ଅଧିକାରୀଙ୍କ ଉପରେ ଆକ୍ରମଣ କରିଥିଲେ। କମିଟି ସଦସ୍ୟଙ୍କ ଗାଡ଼ି ମଧ୍ୟ ଭାଙ୍ଗି ଦେଇଥିଲେ। ଏହାପରଠାରୁ ଉକ୍ତ କମିଟି ଏକ ରକମ ଅଚଳ ହୋଇପଡ଼ିଥିବା ଆଲୋଚନା ହେଉଛି। ଅନ୍ୟପକ୍ଷରେ କୋଭିଡ୍ ପାଇଁ ଶନିବାରଠାରୁ ଅନୁଗୋଳ ଜିଲାର ବିଭିନ୍ନ ସହରାଞ୍ଚଳରେ ନାଇଟ୍ କର୍ଫ୍ୟୁ ଲାଗୁ ହେଉ ହେଉ ରାତିରେ ବଣ୍ଟଁରପାଳ, ଅନୁଗୋଳ, ଛେଣ୍ଡିପଦା ଅଞ୍ଚଳରୁ ମାଳ ମାଳ ଟିପର୍ ଓ ହାଇୱାରେ ଚୋରା ଲଘୁ ଖଣିଜ ଚାଲାଣ ଜୋର୍ ଧରିଛି। ପୋଲିସ ଓ ପ୍ରଶାସନିକ ଅଧିକାରୀମାନେ କୋଭିଡ୍ କଟକଣା ଯାଞ୍ଚ କରିବାରେ ବ୍ୟସ୍ତ ରହିବାର ସୁଯୋଗ ନେଇ ମାଲ ପରିବହନ ଆଳରେ ମାଫିଆମାନେ ସେମାନଙ୍କ କାର୍ଯ୍ୟକଳାପ ଜୋରଦାର କରିଛନ୍ତି। ଶନିବାର ବିଳମ୍ବିତ ରାତିରେ ଅନୁଗୋଳ ସହର ଗାନ୍ଧୀମାର୍ଗର ଏକ ଗଳିକୁ ୫ରୁ ୭ଟି ଟିପ୍ପର୍ ଚୋରା ଲଘୁ ଖଣିଜ ଆଣିଥିବା ଆଲୋଚନା ହେଉଛି। ଏହି ଗାଡ଼ି ଗୁଡ଼ିକ ପଛରେ ଏକ ବୋଲେରୋ ଏସ୍କର୍ଟରେ ଯାଇଥିବା କୁହାଯାଉଛି। ଉପଖଣ୍ଡ ଯୁଗ୍ମ ଶୃଙ୍ଖଳା କମିଟିରେ ଥିବା କେତେଜଣ ଅଧିକାରୀଙ୍କ ଅନ୍ୟତ୍ର ବଦଳି ହୋଇଥିବାରୁ ଏବଂ ଅନ୍ୟମାନେ କୋଭିଡ୍ ଦାୟିତ୍ୱରେ ଥିବାରୁ ଚୋରା ଚାଲାଣ ରୋକିବା ଦିଗରେ ଧ୍ୟାନ ଦିଆଯାଉ ନ ଥିବା ସହରବାସୀ କହିଛନ୍ତି।

**ଚଢ଼ାଉ କରାଯାଇ ଧରାଯିବ**



"ଯୁଗ୍ମ ଶୃଙ୍ଖଳା ଟିମ୍ ତା'ର କାର୍ଯ୍ୟ କରୁଛି। ଏବେ କୋଭିଡ୍ ସମୟ ଥିବାରୁ ଅଧିକାରୀମାନେ ଅନ୍ୟ କାର୍ଯ୍ୟରେ ବ୍ୟସ୍ତ ରହୁଛନ୍ତି। ଚୋରା ଚାଲାଣ ହେଉଥିଲେ, ଚଢ଼ାଉ କରାଯାଇ ମାଫିଆମାନଙ୍କୁ ସାବାଡ଼ କରାଯିବ। ବିଳମ୍ବିତ ରାତିରେ ପ୍ରଶାସନିକ ଅଧିକାରୀଙ୍କ ସହ ପୋଲିସ ଘଟଣାସ୍ଥଳକୁ ଯିବ।

-ବାସୁଦେବ ଶତପଥୀ
ଉପଜିଲାପାଳ, ଅନୁଗୋଳ

**ଦୃଢ଼ କାର୍ଯ୍ୟାନୁଷ୍ଠାନ ଦରକାର**



"ଜିଲାରେ ଲଘୁ ଖଣିଜ ପଦାର୍ଥର ଚୋରା ଚାଲାଣ ନେଇ ପୋଲିସ ଓ ପ୍ରଶାସନ ଅବଗତ ଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଏହାର ସୁଯୋଗ ନେଇ ମାଫିଆମାନେ ଜିଲାର ବିଭିନ୍ନ ସ୍ଥାନରୁ ଲଘୁ ଖଣିଜ ଚାଲୁ କରିବାରେ ଲାଗିଛନ୍ତି। ପ୍ରଶାସନ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବା ଦରକାର।

-ରଶ୍ମି ରଞ୍ଜନ ସାହୁ, ଅନୁଗୋଳ

**ଅସାମାଜିକଙ୍କୁ ସୁଯୋଗ ମିଳିଯାଉଛି**



"ରାତ୍ରିକାଳୀନ କର୍ଫ୍ୟୁ ଲାଗୁ କରାଯିବାକୁ ସ୍ୱାଗତ କରାଯାଇଛି। କିନ୍ତୁ ଏହି ସମୟରେ ପୋଲିସ ବ୍ୟସ୍ତ ରହୁଥିବାରୁ ଓ ପାଟ୍ରୋଲିଂ କରୁ ନ ଥିବାରୁ ଅସାମାଜିକଙ୍କ ପାଇଁ ଏହା ସୁଯୋଗ ଆଣିଦେଇଛି। ଏଥିପ୍ରତି ପୋଲିସ ଓ ପ୍ରଶାସନ ଦୃଷ୍ଟି ନ ଦେଲେ ଚୋରା କାରବାର ସହ ଅନ୍ୟ ଆପରାଧିକ କାର୍ଯ୍ୟକଳାପ ବଢ଼ିଯିବ।

-ମାଗିଲାଲ ସାମଲ, ନାଲ୍କୋନଗର

**ପ୍ରଶାସନର ଅନାଗ୍ରହ ବୁଝାପଡୁନି**



"ଗତବର୍ଷ ଚୋରା ଚାଲାଣକାରୀଙ୍କ ଉପରେ ଘନ ଘନ ଚଢ଼ାଉ କରାଯାଉଥିଲା। କିନ୍ତୁ ଚଳିତବର୍ଷ ପ୍ରଶାସନ ଚୁପ୍ ବସିଥିବାରୁ ମାଫିଆମାନେ ଚୋରାରେ ମାଟି, ମୋରମ, ବାଲି ଓ ଚିପ୍ସ ଆଦି ଲୁଟିବାରେ ଲାଗିଛନ୍ତି। ସେମାନଙ୍କୁ ଧରିବାକୁ ପୋଲିସ ଓ ପ୍ରଶାସନ କାହିଁକି ଆଗ୍ରହ ଦେଖାଉ ନାହିଁ ତାହା ବୁଝାପଡୁନି।

-ନିଶିକାନ୍ତ ମିଶ୍ର, ଅନୁଗୋଳ

## ନିରାଡ଼ମ୍ବରରେ ବାସନ୍ତୀ ଦୁର୍ଗାପୂଜା

**ଅନୁଗୋଳ ଅଫିସ, ୧୮।୪**



ଅମଲାପଡ଼ାର ମା' ବାସନ୍ତୀ ଦୁର୍ଗା।

ଅନୁଗୋଳ ଅମଲାପଡାଠାରେ ମା' ବାସନ୍ତୀ ଦୁର୍ଗାଙ୍କ ଷଷ୍ଠୀ ପୂଜା ରବିବାରଠାରୁ ଆରମ୍ଭ ହୋଇଛି। କୋଭିଡ୍ କଟକଣା ଯୋଗୁ ଗତବର୍ଷ ପରି ଚଳିତବର୍ଷ ମଧ୍ୟ ମା'ଙ୍କ ପୂଜା ସମ୍ପୂର୍ଣ୍ଣ ନିରାଡ଼ମ୍ବରରେ କରାଯିବ। କେବଳ ରୀତିନୀତି ଅନୁସାରେ ଏହା ପାଳନ ହେବ ବୋଲି କମିଟି ପକ୍ଷରୁ କୁହାଯାଇଛି। ପୂଜା ସମୟରେ କୌଣସି ସାଂସ୍କୃତିକ କାର୍ଯ୍ୟକ୍ରମ ହେବ ନାହିଁ ବୋଲି ସଭାପତି ଶକ୍ତି ପ୍ରସାଦ ପଟ୍ଟନାୟକ, ଉପଦେଷ୍ଟା ପ୍ରଦୀପ କୁମାର ଦେବତା ସୂଚନା ଦେଇଛନ୍ତି। ତେବେ ବିଜୟା ଦଶମୀ ଗୁରୁବାର ଦିନ ଏକ ରକ୍ତଦାନ ଶିବିରର ଆୟୋଜନ କରାଯିବ। ସମସ୍ତ ଶ୍ରଦ୍ଧାଳୁ କୋଭିଡ୍ ଗାଇଡଲାଇନ ଅନୁସାରେ ଦର୍ଶନ କରିବାକୁ ପୂଜା କମିଟି ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

## ପାଲା ମାଧ୍ୟମରେ ସଚେତନତା



ପାଲା ଜରିଆରେ ଜନସଚେତନତା ସୃଷ୍ଟି କରାଯାଉଛି।

**ବଈଣ୍ଡା,୧୮।୪(ଡି.ଏନ.ଏ.)**

ଅନୁଗୋଳ ଜିଲା କିଶୋରନଗର ବ୍ଲକ ପ୍ରଶାସନ ପକ୍ଷରୁ ଶନିବାର ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ 'ବାର୍ତ୍ତା' ନାମରେ ଏକ ସଚେତନତା କାର୍ଯ୍ୟକ୍ରମ ପାଲା ଜରିଆରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପାଲା ଗାୟକ ଜଗତ ମୋହନ ମିଶ୍ର, ବବ୍ରୁବାହାନ ମାଝି, କନକ ଲତା ମାଝି ପ୍ରମୁଖ ଯୋଗଦେଇ ବ୍ଲକ ଅଞ୍ଚଳର ନୁନୁକାପଶି, ଗାଁ ବଈଣ୍ଡା, ଜାମୁନାଳୀ, କଣ୍ଟେଇକୁଳିଆ, ହଣ୍ଡପା, ଲୁହାମୁଣ୍ଡା, କଦଳୀମୁଣ୍ଡା, କଟରଙ୍ଗା ଆଦି ପଞ୍ଚାୟତରେ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ସଚେତନତା ସୃଷ୍ଟି କରିଥିଲେ। ଗ୍ରାମାଞ୍ଚଳର ବିକାଶ ଓ ଗରିବ ଲୋକଙ୍କ ପାଇଁ ସରକାରଙ୍କ ଯେଉଁ ସବୁ ଯୋଜନା ପ୍ରଚଳନ ହେଉଛି ସେଗୁଡିକ କିଭଳି ଠିକ୍ ଭାବେ ଲୋକଙ୍କ ନିକଟରେ ପହଞ୍ଚି ପାରିବ ସେ ନେଇ ଗ୍ରାମବାସୀଙ୍କୁ ସୂଚନା ଦେଇଥିଲେ।

## ରଞ୍ଜନ ସଭାପତି, ବାବୁଲି ସମ୍ପାଦକ



ଟ୍ରକ୍ ମାଲିକ ସଂଘର ନବ ନିର୍ବାଚିତ କର୍ମକର୍ତ୍ତାମାନେ।

**ନାଲ୍କୋ ଟ୍ରକ୍ ମାଲିକ ସଂଘ ନିର୍ବାଚନ**

**ବଣ୍ଟଁରପାଳ,୧୮।୪(ଡି.ଏନ.ଏ.)**

ନାଲ୍କୋ ଟ୍ରକ୍ ମାଲିକ ସଂଘ ନିର୍ବାଚନ ରବିବାର ଅନୁଷ୍ଠିତ ହୋଇଯାଇଛି। କୁଲାଡ଼ କଲେଜ ପରିସରରେ ସକାଳ ୭ ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ ହୋଇଥିଲା। ସଭାପତି ଭାବେ ରଞ୍ଜନ ଜେନା, ଉପସଭାପତି ଭାବେ ତପନ ସାମନ୍ତ ସିଂ, ସମ୍ପାଦକ ଭାବେ ବାବୁଲି ସ୍ୱାଇଁ, ସହ ସମ୍ପାଦକ ଭାବେ ରାକେଶ ଦେହୁରୀ ନିର୍ବାଚିତ ହୋଇଛନ୍ତି। ସେହିପରି କୋଷାଧ୍ୟକ୍ଷ ଭାବେ ମୁକେଶ ଚନ୍ଦ୍ର ଜେନା ବିଜୟୀ ହୋଇଛନ୍ତି। ନିର୍ବାଚନ ଅଧିକାରୀ ଭାବେ ଆଡ୍‌ଭୋକେଟ ସୁରେଶ ମିଶ୍ର, ସୀତାଂଶୁ ଶେଖର ନାଥ, ରବୀନ୍ଦ୍ର ପଟ୍ଟନାୟକ ପ୍ରମୁଖ ଦାୟିତ୍ୱ ତୁଲାଇଥିଲେ। ମୋଟ୍ ୨୮୦ ଭୋଟର ତାଙ୍କର ମତ ସାବ୍ୟସ୍ତ କରିଥିଲେ। ଅପରାହ୍ନରେ ଶପଥଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ପୂର୍ବତନ ସଭାପତି ସ୍ୱେତବ୍ରତ ସ୍ୱାଇଁ ଏଥିରେ ସଭାପତିତ୍ୱ କରିଥିଲେ। ସୁରେଶ ମିଶ୍ର ସମସ୍ତ କର୍ମକର୍ତ୍ତାଙ୍କୁ ଶପଥ ପାଠ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଅଭୟ କୁମାର ସିଂ, ବସନ୍ତ ଜେନା, ବ୍ରହ୍ମାନନ୍ଦ ଜେନା, କୁତାର୍ଥ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

## କୋଭିଡ୍ କେୟାର ସେଣ୍ଟର କାର୍ଯ୍ୟକୁ ନେଇ ଅସନ୍ତୁଷ୍ଟ

**ଅନୁଗୋଳ ଅଫିସ, ୧୮।୪**

ଅନୁଗୋଳ ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ତେବେ ସଂକ୍ରମିତଙ୍କୁ ଚିକିତ୍ସା ଯୋଗାଇବାକୁ ସହର ଉପକଣ୍ଠରେ ଥିବା ଆଦର୍ଶ ବିଦ୍ୟାଳୟରେ ପ୍ରଶାସନ ପକ୍ଷରୁ କୋଭିଡ୍ କେୟାର ସେଣ୍ଟର ଖୋଲାଯିବ। ଏହି କେନ୍ଦ୍ର ସୋମବାର ଖୋଲାଯିବାର ଥିଲା। ଏହାକୁ ଅନୁଗୋଳ ପୌରପାଳିକା ପରିଚାଳନା କରିବ। ଏ ନେଇ ବେଡ୍ ପ୍ରସ୍ତୁତ ରଖିବା ସହ ଅକ୍ସିଜେନ୍ ମଧ୍ୟ ରଖିବାକୁ କୁହାଯାଇଛି। ଉକ୍ତ ସେଣ୍ଟର ସଫେଇ ଦାୟିତ୍ୱ ପୌରପାଳିକାର ଠିକା ସଂସ୍ଥାକୁ ପ୍ରଦାନ କରାଯାଇଥିଲା। ସଂସ୍ଥା ପକ୍ଷରୁ ସକାଳୁ ଲୋକନେଇ ସଫେଇ କରାଯାଇଥିଲେ ମଧ୍ୟ ଠିକ୍ ଭାବେ କାର୍ଯ୍ୟ କରାଯାଇ ନ ଥିଲେ। ଅନୁଧ୍ୟାନ କରିବାକୁ ଯାଇଥିବା ପୌର ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ ଏହା ଦେଖି ଅସନ୍ତୋଷ ପ୍ରକାଶ କରିଥିଲେ। ଠିକା ସଂସ୍ଥା ଦାୟିତ୍ୱରେ ଥିବା ସୁପରଭାଇଜରଙ୍କୁ ତାକିଦ କରିଥିଲେ। ତୁରନ୍ତ ସେଣ୍ଟର ପ୍ରସ୍ତୁତ କରିବାକୁ ନିର୍ବାହୀ ଅଧିକାରୀ କହିଥିବା ଜଣାପଡ଼ିଛି।

# ମା' ହିଙ୍ଗୁଳାଙ୍କ ଜନ୍ତାଳ ପର୍ବ

**ତାଳଚେର,୧୮।୪(ନି.ପ୍ର.)**



ପତିଆରଙ୍କୁ ଦେବୀ ରୂପରେ ପୂଜା କରାଯାଉଛି।

ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳାଙ୍କ ପ୍ରସିଦ୍ଧ ଜନ୍ତାଳ ପର୍ବ ଗୋପାଳପ୍ରସାଦସ୍ଥିତ ହିଙ୍ଗୁଳା ପୀଠରେ ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ହିଙ୍ଗୁଳାଙ୍କ ଚଳନ୍ତି ପ୍ରତିମା ଆଳମକୁ କୁଟେଇଶୁଣି ମଣ୍ଡପକୁ ଅଣାଯାଇଥିଲା। ପରେ ମୁଖ୍ୟ ପୂଜକ ହୃଦାନନ୍ଦ ଦେହୁରୀ, କିଶୋର ଚନ୍ଦ୍ର ଦେହୁରୀ ଓ ଟଙ୍କଧର ଦେହୁରୀ ଆଳମକୁ ବିଧି ଅନୁଯାୟୀ ପୂଜା କରିଥିଲେ। ଡାକୁଆମାନେ ପତିଆରଙ୍କୁ ନିମନ୍ତ୍ରଣ କରିବାକୁ ତାଙ୍କ ଘରକୁ ଯାଇଥିଲେ। ପତିଆର ମଣ୍ଡପକୁ ଆସିବା ପରେ ମୁଖ୍ୟ ଦେହୁରୀ ତାଳଚେର ରାଜାଙ୍କ ପ୍ରଦତ୍ତ ନୂତନ ବସ୍ତ୍ର ପତିଆରଙ୍କୁ ପ୍ରଦାନ କରିଥିଲେ। ଏହାପରେ ପତିଆରଙ୍କୁ ଦେବୀ ରୂପରେ ପୂଜା କରାଯାଇଥିଲା। ଏହି ପୂଜାକୁ ମା' ହିଙ୍ଗୁଳାଙ୍କ ପ୍ରସିଦ୍ଧ ଜନ୍ତାଳ ପୂଜା କୁହାଯାଏ। ସ୍ଥାନୀୟ ପୋଲିସ ଉପସ୍ଥିତିରେ ମା'ଙ୍କ ଏହି ଅନନ୍ୟ ପର୍ବ କରୋନା କଟକଣା ମଧ୍ୟରେ ପାଳିତ ହୋଇଥିଲା। ତାଳଚେର ରାଜାଙ୍କ ପ୍ରତିନିଧି ରାଜେନ୍ଦ୍ର କୁମାର ସିଂହ, ଟ୍ରଷ୍ଟ ବୋର୍ଡ ସଦସ୍ୟ ଜଗନ ମୋହନ ଗଡନାୟକଙ୍କ ସମେତ ହାଡି ଗଡନାୟକ, ଡିଲେଶ୍ୱର ମହାନ୍ତି, ହାଡିବନ୍ଧୁ ମହାନ୍ତି, ବାୟା ବାରିକ, ଦୁର୍ଗାଚରଣ ବାରିକ, କାଠିଆ ଦେହୁରୀ, କୁବେର ପଲେଇ ପ୍ରମୁଖ ସହଯୋଗ କରିଥିଲେ। ମା' ହିଙ୍ଗୁଳାଙ୍କ ପ୍ରସିଦ୍ଧ ବାର୍ଷିକ ଯାତ୍ରା ଆସନ୍ତା ୨୬ ତାରିଖରୁ ଆରମ୍ଭ ହେବ ବୋଲି ଜଣାପଡିଛି।

## ବିଏମ୍‌ଏସ୍ ସମର୍ଥିତଙ୍କ ବାଜିମାତ



ନବ ନିର୍ବାଚିତ ସଦସ୍ୟମାନଙ୍କ ସହିତ ସଂଘ କାର୍ଯ୍ୟକର୍ତ୍ତାମାନେ।

**ଏନ୍‌ଟିପିସି କ୍ରୀଡ଼ା ପରିଷଦ ନିର୍ବାଚନ**

**କଣିହାଁ,୧୮।୪(ଡି.ଏନ.ଏ.)**

କଣିହାଁ ବ୍ଲକ ଏନ୍‌ଟିପିସି ସ୍ଥାୟୀ କଲୋନୀ ପରିସର ମହାନଦୀ କ୍ଲବଠାରେ ଶନିବାର ସ୍ପୋର୍ଟ୍ସ କାଉନସିଲ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାରତୀୟ ମଜଦୁର ସଂଘ (ବିଏମ୍‌ଏସ୍) ସମର୍ଥିତ ସଦସ୍ୟମାନେ ବିଜୟୀ ହୋଇଛନ୍ତି। ମୋଟ୍ ୫୦୬ ସଦସ୍ୟଙ୍କ ମଧ୍ୟରୁ ୪୭୬ ଜଣ ଭୋଟ ଦେଇଥିଲେ। ବିଏମ୍‌ଏସ୍ ସମର୍ଥିତ ପ୍ରାର୍ଥୀ ରାଜେଶ ରାଉତରାୟ ସାଧାରଣ ସମ୍ପାଦକ, ପଙ୍କଜ ଲୋଚନ ସାହୁ ସହ ସମ୍ପାଦକ ଏବଂ ଅନିଲକାନ୍ତ ପ୍ରଧାନ, ଅଶୋକ କୁମାର ସାହୁ, ରାମକାନ୍ତି ପ୍ରଧାନ, ପ୍ରଶାନ୍ତ କୁମାର ପ୍ରଧାନ, ସୁବାସ ଚନ୍ଦ୍ର ପଲ ବିଜୟୀ ହୋଇଥିବା ବେଳେ ଆଇଏନ୍‌ଟିୟୁସି ସମର୍ଥିତ କନ୍ଦର୍ପ ସେଠୀ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ଘୋଷିତ ହୋଇଥିଲେ। ଏନ୍‌ଟିପିସି ପକ୍ଷରୁ ପ୍ରଭାତ ରଞ୍ଜନ ବାରିକ ନିର୍ବାଚନ ଅଧିକାରୀ, ଆଶିଷ କୁମାର ଦାସ, ତରୁଣ ବାରିକ, ସୁମନ୍ତ ପ୍ରଧାନ, ଚୌଧୁରୀ ପ୍ରଦ୍ୟୁମ୍ନ ଦାସ, ବିଜୟ ମଣ୍ଡଳ ନିର୍ବାଚନ ପରିଚାଳନା କରିଥିଲେ। ବିଦ୍ୟୁତ୍ କର୍ମଚାରୀ ସଂଘ ତରଫରୁ ସଭାପତି ବୀରେନ୍ଦ୍ର କୁମାର କାନୁନ୍‌ଗୋ, ସାଧାରଣ ସମ୍ପାଦକ ଶୁଭେନ୍ଦୁ କୁମାର ସାହୁ ପ୍ରମୁଖ ନବ ନିର୍ବାଚିତ କର୍ମକର୍ତ୍ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ।

# ଏଷ୍ଟାବ୍ଲିଶମେଣ୍ଟ ଫି' ଛାଡ଼ ଦାବି

**ଅନୁଗୋଳ ଅଫିସ, ୧୮।୪**

- ରାସ୍ତା ଅବରୋଧ କଲେ ଛାତ୍ରୀ
- କଲେଜ ସମ୍ମୁଖରେ ଧାରଣା
- ଆଜି ହଷ୍ଟେଲ ରେସିଡେଣ୍ଟାଲ କମିଟି ବୈଠକ

ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ପୁଣି ଅଶାନ୍ତି ଦେଖାଦେଇଛି। ଦୁଇ ଦିନ ତଳେ ଅନ୍‌ଲାଇନରେ ପରୀକ୍ଷା କରାଯିବା ଦାବି ନେଇ ଛାତ୍ରୀମାନେ ଅଧ୍ୟକ୍ଷଙ୍କୁ ଘେରାଉ କରିଥିବା ବେଳେ ରବିବାର ହଷ୍ଟେଲ ଏଷ୍ଟାବ୍ଲିଶମେଣ୍ଟ ଫି' ଛାଡ଼ ଦାବିରେ ଏକ ଘଣ୍ଟା ଧରି ରାସ୍ତା ଅବରୋଧ କରିଥିଲେ। ମହାବିଦ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ଧାରଣାରେ ବସିଥିଲେ। ପରେ ପୋଲିସ ଓ କଲେଜ କର୍ତ୍ତୃପକ୍ଷ ଛାତ୍ରୀଙ୍କୁ ବୁଝାଶୁଝା କରିବାରୁ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଦାବି ଉପରେ ବିଚାର କରିବାକୁ ଅଧ୍ୟକ୍ଷ ସୋମବାର ଜରୁରୀ ବୈଠକ ଡକାଇଥିବା ଜଣାପଡ଼ିଛି।

କୋଭିଡ୍ କଟକଣା ପାଇଁ ଅନୁଗୋଳ ସରକାରୀ ମହାବିଦ୍ୟାଳୟ ହଷ୍ଟେଲ ସୋମବାର ଠାରୁ ବନ୍ଦ କରାଯିବ। ତେଣୁ ହଷ୍ଟେଲ ବନ୍ଦ ପୂର୍ବରୁ ଏଷ୍ଟାବ୍ଲିଶମେଣ୍ଟ ଫି' ଦେବାକୁ ହଷ୍ଟେଲ ସୁପରିଣ୍ଟେଣ୍ଡେଣ୍ଟ ନୋଟିସ୍ ଜାରି କରିଥିଲେ। ଏହାକୁ ନେଇ ଛାତ୍ରୀମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଥିଲା। ହଷ୍ଟେଲ ବନ୍ଦ କରାଯାଉଥିବାରୁ ଫି' ଛାଡ଼ କରିବାକୁ ଦାବି କରି ଛାତ୍ରୀମାନେ ଧାରଣାରେ ବସିଥିଲେ। ଖବରପାଇ ଘଟଣାସ୍ଥଳରେ ପୋଲିସ ପହଞ୍ଚିଥିଲା। ମହିଳା ହଷ୍ଟେଲର ସୁପରିଣ୍ଟେଣ୍ଡେଣ୍ଟମାନଙ୍କ ସହ ଅଧ୍ୟାପିକା ଓ ଅଧ୍ୟାପକମାନେ ଛାତ୍ରୀଙ୍କୁ ବୁଝାଇଥିଲେ। ଏହାପରେ ଛାତ୍ରୀମାନେ ଏକ ଲିଖିତ ଅଭିଯୋଗ ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଦେଇଥିଲେ। ଏ ନେଇ ସୋମବାର ବିଚାର କରିବାକୁ ଅଧ୍ୟକ୍ଷ ବୀର କିଶୋର ରାଜ ଏକ ଜରୁରୀ ବୈଠକ ଡକାଇଛନ୍ତି ବୋଲି କହିଛନ୍ତି। ଏଥିସହ ଏଷ୍ଟାବ୍ଲିଶମେଣ୍ଟ ଫି' ନ ଦେଲେ ହଷ୍ଟେଲ କିଭଳି ଭାବେ ଚାଲିବ ବୋଲି ସେ କହିଛନ୍ତି। ଏହି ଅର୍ଥରୁ ହଷ୍ଟେଲରେ କାର୍ଯ୍ୟ କରୁଥିବା ସୁରକ୍ଷାକର୍ମୀ, ମାଟ୍ରନ୍, ରେଷୋୟା, ଝାଡୁଦାରଙ୍କ ଦରମା ସହ ପାଣି, ବିଜୁଳି ଓ ରକ୍ଷଣାବେକ୍ଷଣ ପାଇଁ ଖର୍ଚ୍ଚ ହୋଇଥାଏ। ଫି' ବନ୍ଦ ହେଲେ କର୍ମଚାରୀଙ୍କ ଦରମା ପ୍ରଦାନ କରିବାରେ ସମସ୍ୟା ଉପୁଜିବ ବୋଲି ଅଧ୍ୟକ୍ଷ ରାଜ କହିଛନ୍ତି। ତେବେ ବୈଠକରେ ଆଲୋଚନା ହେବା ପରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି ଅଧ୍ୟକ୍ଷ ପ୍ରକାଶ କରିଛନ୍ତି।



ଅନୁଗୋଳ କଲେଜ ସମ୍ମୁଖରେ ଛାତ୍ରୀମାନେ ରାସ୍ତାରୋକୋ କରିଛନ୍ତି।

# ଚିନ୍ତା ବଢ଼ାଇଛନ୍ତି ଲୁଟେରା

- ୮ ତାରିଖରେ ବ୍ୟାଙ୍କ କର୍ମଚାରୀଙ୍କୁ ଲୁଟିଥିଲେ
- ସ୍କୁଟି ଧରି ବୁଲୁଥିବାବେଳେ ମାଡ଼ିବସିଲା ପୋଲିସ
- ବନ୍ଧୁକ ଜବତ, ଅନ୍ୟ ଜଣେ ଅଭିଯୁକ୍ତ ଫେରାର


ଗିରଫ ଅଭିଯୁକ୍ତ।


ଜବତ ବନ୍ଧୁକ।

**ସାତମାଇଲ, ୧୮।୪(ଡି.ଏନ.ଏ.)**

ହିନ୍ଦୋଳ ବ୍ଲକ ସାତମାଇଲ ଛକ ନିକଟରୁ ଗତ ୮ ତାରିଖରେ ହୋଇଥିବା ଲୁଟ୍ ଘଟଣାର ଜଣେ ଅଭିଯୁକ୍ତଙ୍କୁ ପୋଲିସ ରବିବାର ଗିରଫ କରିଛି। ତାଙ୍କ ନିକଟରୁ ଏକ ରିଭଲଭର ଜବତ କରାଯାଇଛି। ତଦନ୍ତରେ ବାଧା ସୃଷ୍ଟି ହେବା ଆଶଙ୍କା ଥିବାରୁ ପୋଲିସ ଅଭିଯୁକ୍ତଙ୍କ ନାମ ସାର୍ବଜନୀନ କରିନାହିଁ।

ସୂଚନାଯୋଗ୍ୟ, ଗତ ୮ ତାରିଖ ଅପରାହ୍ନ ସାଢ଼େ ୩ଟାରେ ଅନୁଗୋଳ ଆକ୍ସିସ ବ୍ୟାଙ୍କରେ କାମ କରୁଥିବା କେନ୍ଦ୍ରାପଡ଼ା ମାର୍ଶାଘାଇ ଅନ୍ତର୍ଗତ ତିଖିରି ଅଞ୍ଚଳର ବିକ୍ରମ ବେହେରା ବାଇକ୍‌ରେ ଯାଉଥିଲେ। ଏହି ସମୟରେ ସାତମାଇଲ ଛକ ନିକଟ ମୋନାଲିସା ଢାବାଠାରୁ ଅନତି ଦୂରରେ ଦୁଇଜଣ ଅଭିଯୁକ୍ତ ଏକ ସ୍କୁଟିରେ ଆସି ତାଙ୍କୁ ଅଟକାଇଥିଲେ। ବନ୍ଧୁକ ମୁନରେ ଭୟଭୀତ କରାଇ ବିକ୍ରମଙ୍କଠାରୁ ମୋବାଇଲ, ଟଙ୍କା, ସୁନା ବ୍ରେସ୍‌ଲେଟ୍ ଏବଂ ଏୟାରବ୍ୟାଗ ଛଡ଼ାଇ ନେଇଥିଲେ। ଏ ସଂକ୍ରାନ୍ତରେ ବାଲିମୀ ଥାନାରେ ନଂ. ୬୩/୨୧ରେ ଏକ ମାମଲା ରୁଜୁ ହୋଇଥଲା। ଅଭିଯୁକ୍ତଙ୍କୁ ଧରିବାକୁ ପୋଲିସ ଜାଲ ବିଛାଇଥିଲା। ସମ୍ପୃକ୍ତ ଅଭିଯୁକ୍ତ ଠୋକର ଛକରେ ଲୁଟ୍‌ର ବ୍ୟବହୃତ ସ୍କୁଟି (ନଂ. ଓଆର୍ ୦୨ ବିଆର୍ ୮୬୨୫) ଧରି ବୁଲୁଥିବା ସୂଚନା ପାଇ ବାଲିମୀ ଥାନାଧିକାରୀ ବ୍ରହ୍ମାନନ୍ଦ ପାତ୍ର ସଦଳବଳ ଚଢ଼ାଉ କରିଥିଲେ। ତାଙ୍କଠାରୁ ଏକ ରିଭଲଭର ଏବଂ ସ୍କୁଟି ଜବତ କରାଯାଇଛି। ଅଭିଯୁକ୍ତଙ୍କ ଘର ଝାରବେଡ଼ା ଅଞ୍ଚଳରେ ବୋଲି ଜଣାପଡ଼ିଛି। ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଥିବା ଥାନାଧିକାରୀ ସୂଚନା ଦେଇଛନ୍ତି।

## ଘରୁ ବାହାରିଲେ ଭୟ, ଆତଙ୍କ

ଘରୁ ବାହାରିଲେ ଘାରୁଛି ଲୁଟେରା ଭୟ। ବାଇକ୍‌ରେ ଆସୁଛନ୍ତି, ଆଖି ପଲକରେ ଝାମ୍ପି ନେଉଛନ୍ତି ସୁନା ଅଳଙ୍କାର। ବନ୍ଧୁକ ମୁନରେ ଯାତ୍ରୀଙ୍କୁ କରୁଛନ୍ତି ଟାର୍ଗେଟ। ଗତ କିଛିଦିନ ହେଲା ସାତମାଇଲ୍ ସମେତ ହିନ୍ଦୋଳ ଉପଖଣ୍ଡରେ ଏପରି ଲୁଟେରା ଗ୍ୟାଙ୍ଗର ଉପଦ୍ରବରେ ଭୟଭୀତ ହୋଇପଡ଼ିଛନ୍ତି ଜନସାଧାରଣ। ଲୁଟ୍, ଛିନ୍‌ତାଇ ଭଳି ଘଟଣା ବଢ଼ି ଚାଲିଥିବାବେଳେ ଏହାକୁ ନେଇ ଚିନ୍ତାରେ ପଡ଼ିଛି ପୋଲିସ। ଏଥିରେ ବିଧିବଦ୍ଧ ଭାବେ ଏକ ଆନ୍ତଃଜିଲା ଗ୍ୟାଙ୍ଗର ସମ୍ପୃକ୍ତି ଥିବା ଅନୁମାନ କରାଯାଉଛି। ପୋଲିସ ପକ୍ଷରୁ ପାଟ୍ରୋଲିଂ କଡ଼ାକଡ଼ି କରାଗଲେ ଲୁଟେରା ଗ୍ୟାଙ୍ଗର ପର୍ଦ୍ଦାଫାଶ ହୋଇପାରିବ ବୋଲି ସ୍ଥାନୀୟ ଅଞ୍ଚଳବାସୀ ମତବ୍ୟକ୍ତ କରିଛନ୍ତି। ଏ ସଂକ୍ରାନ୍ତରେ ବାଲିମୀ ଥାନାଧିକାରୀ ବ୍ରହ୍ମାନନ୍ଦ ପାତ୍ର କୁହନ୍ତି, ଥାନା ଅଞ୍ଚଳରେ ବଢୁଥିବା ଚୋରି, ଡକାୟତି ଘଟଣାରେ ଉପରିସ୍ଥ ଅଧିକାରୀଙ୍କ ସହ ଆଲୋଚନା କରାଯାଇଛି। ଅଭିଯୁକ୍ତଙ୍କୁ ଧରିବା ଲାଗି ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରାଯାଇଥିବା ସେ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ହୋଟେଲ କର୍ମଚାରୀଙ୍କ ଝୁଲନ୍ତା ମୃତଦେହ ଜବତ

**ଢେଙ୍କାନାଳ ଅଫିସ, ୧୮।୪:** ଢେଙ୍କାନାଳ ଜିଲା କପିଳାସ ପୀଠ ପାହାଚ ରାସ୍ତାକଡ଼ରୁ ରବିବାର ସକାଳେ ଜଣେ ହୋଟେଲ କର୍ମଚାରୀଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ମିଳିଛି। ସେ ହେଲେ କଟକ ଜିଲା ଗୋବିନ୍ଦପୁର ତରଭାବେଡ଼ା ଅଞ୍ଚଳର ପ୍ରମୋଦ ନାୟକ (୨୭)। କଟକର ଏକ ହୋଟେଲରେ କାମ କରୁଥିବା ପ୍ରମୋଦ କୌଣସି କାରଣରୁ ଉଦାସ ରହୁଥିଲେ। ସେ ଆତ୍ମହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିବା ଥାନାଧିକାରୀ ବିଷ୍ଣୁ ଚରଣ ବାରିକ କହିଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଛି। ଏ ସଂକ୍ରାନ୍ତରେ ଗଁଦିଆ ଥାନାରେ ନଂ. ୧୨/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ୪୧ ୟୁନିଟ୍ ରକ୍ତ ସଂଗ୍ରହ




**ସାତମାଇଲ, ୧୮।୪(ଡି.ଏନ.ଏ.):** ହିନ୍ଦୋଳ ବ୍ଲକ ବାଲିମୀ ଥାନା ଅନ୍ତର୍ଗତ ପାଟଲା ପଞ୍ଚାୟତ କଲ୍ୟାଣ ମଣ୍ଡପରେ ରବିବାର ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ପାଟଲା ଯୁବକ ସଂଘ ଏବଂ ଗିରିରାଜ ସ୍ୱେଚ୍ଛାସେବୀ ସଙ୍ଗଠନର ମିଳିତ ଆନୁକୂଲ୍ୟରେ ଏହି ଶିବିର ଆୟୋଜିତ ହୋଇଥିଲା। ସରପଞ୍ଚ ବିରଞ୍ଚି ନାରାୟଣ ସାହୁ, ଗ୍ରାମ ସଭାପତି ଲଳିତ ମୋହନ ସାହୁ, ବିଭାରାଣୀ ପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଅନୁଗୋଳ ଜିଲା ରକ୍ତ ଭଣ୍ଡାର ଡାକ୍ତର ଏବଂ କର୍ମଚାରୀଙ୍କ ସହଯୋଗରେ ୪୧ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା।

### ବଜ୍ରପାତରେ ଜଣେ ଗୁରୁତର, ୩ ବଖରା ଜଳିଗଲା

**ଭୁବନ, ୧୮।୪(ଡି.ଏନ.ଏ.):** ଢେଙ୍କାନାଳ ଜିଲା ଭୁବନ ଥାନା ଅନ୍ତର୍ଗତ ଗଡନୃସିଂହପ୍ରସାଦ ଗ୍ରାମର ପିଙ୍କୁ ସେଠୀ (୨୧) ରବିବାର ସନ୍ଧ୍ୟାରେ ବଜ୍ରପାତରେ ଗୁରୁତର ହୋଇଛନ୍ତି। ପିଙ୍କୁ ଗ୍ରାମର ଏକ ଦୋକାନରେ ବନ୍ଧୁମାନଙ୍କ ସହ ବସି କଥାବାର୍ତ୍ତା ହେଉଥିବାବେଳେ ହଠାତ୍ ବଜ୍ରପାତ ହୋଇଥିଲା। ଘଟଣାସ୍ଥଳରେ ପିଙ୍କୁ ଚେତାଶୂନ୍ୟ ହୋଇଯାଇଥିଲେ। ପାଖରେ ଥିବା ଲୋକେ ତାଙ୍କୁ ତୁରନ୍ତ ଭୁବନ ଡାକ୍ତରଖାନାକୁ ନେଇ ଆସିଥିଲେ। ବଜ୍ରପାତରେ ତାଙ୍କ ଚୁଟି ପୋଡ଼ିଯାଇଛି। ସେ ଏବେ ଚିକିତ୍ସାଧୀନ ଥିବା ଡାକ୍ତରଖାନା ପକ୍ଷରୁ କୁହାଯାଇଛି। ସେହିପରି ଗଡନୃସିଂହପ୍ରସାଦ ପଞ୍ଚାୟତ ମୁରୁଗା ଗ୍ରାମର କବି ନାଏକ, ମଧୁ ନାଏକ ଏବଂ ଜିତୁ ନାଏକ ୩ ବଖରା ଘର ବଜ୍ରପାତରେ ଜଳିଯାଇଥିବା ଅଭିଯୋଗ ହୋଇଛି। ସୂଚନା ପାଇ ଭୁବନ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେତେବେଳକୁ ସବୁକିଛି ଛାରଖାର ହୋଇଯାଇଥିଲା। ବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ସାହିବାସୀ ଦାବି କରିଛନ୍ତି।

# ୩ ଘଣ୍ଟା ପରେ ଡ୍ରାଇଭର ଉଦ୍ଧାର


ଟ୍ରକ୍‌ରେ ଚାପି ହୋଇ ରହିଥିବା ଡ୍ରାଇଭରଙ୍କୁ ଉଦ୍ଧାର କରି ମେଡିକାଲକୁ ନିଆଯାଉଛି।

## ଦୁଇ ଟ୍ରକ୍ ମଧ୍ୟରେ ମୁହାଁମୁହିଁ ଧକ୍କା

**ପରଜଙ୍ଗ, ୧୮।୪(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ଦଦରାଘାଟି ଫାଣ୍ଡି ନିକଟ ୧୪୯ନଂ. ଜାତୀୟ ରାଜପଥରେ ରବିବାର ପୂର୍ବାହ୍ନ ପ୍ରାୟ ୮ଟାରେ ଛାତିଥରା ଦୁର୍ଘଟଣା ଘଟିଛି। ଦୁଇ ଟ୍ରକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାପରେ ଜଣେ ଡ୍ରାଇଭର ଗାଡ଼ି ଭିତରେ ଚାପି ହୋଇ ରହିଯାଇଥିଲେ। ଦୀର୍ଘ ୩ ଘଣ୍ଟା ପରେ ହାଇଡ୍ରୋଲିକ୍ କଟର ସହାୟତାରେ ଗାଡ଼ି କାଟି ତାଙ୍କୁ ଉଦ୍ଧାର କରାଯାଇଥିଲା।

ସୂଚନାଯୋଗ୍ୟ, ରବିବାର ସକାଳ ୮ଟାରେ ପାଲଲହଡ଼ାରୁ ପତିରି ଆଡ଼କୁ ଏକ ଟ୍ରକ୍ ଆସୁଥିବାବେଳେ ବିପରୀତ ପାର୍ଶ୍ୱରୁ ଆସୁଥିବା ଅନ୍ୟ ଏକ ଟ୍ରକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ଗୋଟିଏ ଗାଡ଼ିର ଡ୍ରାଇଭର ଚାପି ହୋଇ ରହିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ବାହାର କରିବାକୁ ଉଦ୍ୟମ କରି ବିଫଳ ହୋଇଥିଲେ। ସୂଚନା ପାଇ ପରଜଙ୍ଗ ପୋଲିସ, ପରଜଙ୍ଗ ଏବଂ ତାଳଚେର ଅଗ୍ନିଶମ କର୍ମଚାରୀ ପହଞ୍ଚିଥିଲେ। ହାଇଡ୍ରୋଲିକ୍ କଟରରେ ଟ୍ରକ୍‌କୁ କାଟି ଚାଳକଙ୍କୁ ଉଦ୍ଧାର କରାଯାଇଥିଲା। ଉଭୟ ଡ୍ରାଇଭରଙ୍କୁ ୧୦୮ ଆମ୍ବୁଲାନ୍ସରେ ମଣ୍ଡାପାଳ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଦୁର୍ଘଟଣା ଯୋଗୁ ରାସ୍ତାରେ ଯାନବାହନ ଚଳାଚଳ ସାମୟିକ ବ୍ୟାହତ ହୋଇଥିଲା। ଗୁରୁତର ଟ୍ରକ୍ ଡ୍ରାଇଭରଙ୍କ ପରିଚୟ ମିଳିପାରିନାହିଁ। ପୋଲିସ ଘଟଣାର ତଦନ୍ତ କରୁଛି।

# ଶିକ୍ଷାନୁଷ୍ଠାନରେ ପଶିଲା କରୋନା

- ଆଇଜିଆଇଟିରୁ ୧୮, ହିନ୍ଦୋଳ କଲେଜରୁ ୧୨ ସଂକ୍ରମିତ ଚିହ୍ନଟ

**ଢେଙ୍କାନାଳ ଅଫିସ, ୧୮।୪**

ଢେଙ୍କାନାଳ ଜିଲାରେ କରୋନା ଗ୍ରାଫ୍ ଉପରମୁହାଁ ହେବାରେ ଲାଗିଛି। ଜିଲାରୁ ପୁଣି ୪୭ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଶିକ୍ଷାନୁଷ୍ଠାନରେ ଛାତ୍ରୀଛାତ୍ର ଭୂତାଣୁ ଦ୍ୱାରା ସଂକ୍ରମିତ ହେବା ଚିନ୍ତାର କାରଣ ପାଲଟିଛି। ସେହିପରି ପୌରାଞ୍ଚଳରେ ସଂକ୍ରମଣ ବୃଦ୍ଧି ଏଡ଼ାଇବା ପ୍ରଶାସନ ପାଇଁ ନୂଆ ଚ୍ୟାଲେଞ୍ଜ ସୃଷ୍ଟି କରିଛି।

ନୂଆ କରି ଚିହ୍ନଟ ହୋଇଥିବା ୪୭ ପଜିଟିଭ୍ ମଧ୍ୟରୁ ପରଜଙ୍ଗ ବ୍ଲକ ସରାଙ୍ଗସ୍ଥିତ ଆଇଜିଆଇଟି ଶିକ୍ଷାନୁଷ୍ଠାନରୁ ୧୮, ହିନ୍ଦୋଳ କଲେଜରୁ ୧୨, ଢେଙ୍କାନାଳ ପୌରାଞ୍ଚଳରୁ ୬, ସଦର ବ୍ଲକ ଅଞ୍ଚଳରୁ ୨, ଗଁଦିଆ ବ୍ଲକ ଅଞ୍ଚଳରୁ ୨, କଙ୍କଡ଼ାହାଡ଼, ଭୁବନ, କାମାକ୍ଷାନଗର ଏବଂ ଓଡ଼ାପଡ଼ା ବ୍ଲକ ଅଞ୍ଚଳରୁ ଜଣେ ଲେଖାଏ ଅଛନ୍ତି। ସେମାନଙ୍କ ମଧ୍ୟରୁ ୧୮ଜଣଙ୍କୁ କୋଭିଡ୍ କେୟାର ସେଣ୍ଟରରେ ଭର୍ତ୍ତି କରାଯାଇଛି। ୬ଜଣ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବାବେଳେ ୨୩ଜଣଙ୍କୁ ଗୃହ ସଙ୍ଗରୋଧରେ ରଖାଯାଇଛି। ଏହାକୁ ମିଶାଇ ଜିଲାର ମୋଟ ସଂକ୍ରମିତଙ୍କ ସଂଖ୍ୟା ୫,୮୬୦ରେ ପହଞ୍ଚିଥିବାବେଳେ ୫,୭୨୫ଜଣ ସୁସ୍ଥ ହୋଇସାରିଲେଣି। ସକ୍ରିୟ ଆକ୍ରାନ୍ତଙ୍କ ସଂଖ୍ୟା ୧୦୬ ହୋଇଥିବାବେଳେ ଅତ୍ୟାବଧି ୨୯ଜଣଙ୍କ ମୃତ୍ୟୁ ଘଟିଛି।

ଅନ୍ୟପଟେ ସଂକ୍ରମଣ ଚେନ୍ ଭାଙ୍ଗିବାକୁ ପ୍ରଶାସନ ପକ୍ଷରୁ ଜନଗହଳିପୂର୍ଣ୍ଣ ସ୍ଥାନରେ ଯାଞ୍ଚ କଡ଼ାକଡ଼ି କରାଯାଉଛି। ପୋଲିସ ପକ୍ଷରୁ ବ୍ୟବସାୟିକ ପ୍ରତିଷ୍ଠାନ ଉପରେ ନଜର ରଖାଯାଇଛି। ଜାରି କରାଯାଇଥିବା କୋଭିଡ୍ କଟକଣା ଉଲ୍ଲଂଘନ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରଶାସନ ପକ୍ଷରୁ ସହରବାସୀଙ୍କୁ ସତର୍କ କରାଯାଇଛି।

## ପୋଖରୀରୁ ମିଳିଲା ଯୁବକଙ୍କ ମୃତଦେହ

**ଢେଙ୍କାନାଳ ଅଫିସ, ୧୮।୪**

ଢେଙ୍କାନାଳ ସହରସ୍ଥିତ ଯାଉଁଳି ପୋଖରୀରୁ ରବିବାର ଜଣେ ଯୁବକଙ୍କ ମୃତଦେହ ଜବତ କରାଯାଇଛି। ସେ ହେଲେ ଜୁବିଲି ଟାଉନ ଅଞ୍ଚଳର ଗଗନ ଜେନା (୩୦)। ସକାଳେ ପୋଖରୀକୁ ଗାଧୋଇବାକୁ ଆସି ସେ ଆଉ ଫେରି ନ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ ପାଣିରେ ଭାସୁଥିବା ଅବସ୍ଥାରେ ତାଙ୍କର ମୃତଦେହ ମିଳିଥିଲା। ଟାଉନ ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଛି। ଏ ନେଇ ନଂ. ୧୩/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ଥାନାଧିକାରୀ ନମିତା ନାୟକ ସୂଚନା ଦେଇଛନ୍ତି।

# ମଠକରଗୋଳାରେ ଖୋଲିଲା ବଜରଙ୍ଗ କ୍ଲବର ନୂତନ ଶାଖା



ମହାବୀରଙ୍କ ନିକଟରେ ପୂଜାର୍ଚ୍ଚନା କରାଯାଉଛି।

**ଢେଙ୍କାନାଳ ଅଫିସ, ୧୮।୪**

ଢେଙ୍କାନାଳର ଯୁବ ଅନୁଷ୍ଠାନ ବଜରଙ୍ଗ କ୍ଲବର ନୂତନ ଶାଖା ଭୁବନ ବ୍ଲକ ମଠକରଗୋଳାରେ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଶାଖାର ସଦସ୍ୟମାନେ ସକାଳ ୭ଟାରେ ତ୍ରିନାଥ ବଜାର ନିକଟରେ ଥିବା ମହାବୀରଙ୍କ ପ୍ରତିମୂର୍ତ୍ତି ନିକଟରେ ପୂଜାର୍ଚ୍ଚନା କରିଥିଲେ। ଏହାପରେ ମଠକରଗୋଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସଫେଇ କରାଯାଇଥିଲା। କାର୍ଯ୍ୟକ୍ରମରେ କ୍ଲବର ଉପଦେଷ୍ଟା ଦିବସ ବେହେରା, ସଭାପତି ମିଥୁନ ସ୍ୱାଇଁ, ଉପସଭାନେତ୍ରୀ ଶିବାନୀ ନାୟକ, ସମ୍ପାଦକ ସୁବ୍ରତ ନାୟକ, ସହ ସମ୍ପାଦକ ରୁଦ୍ରକାନ୍ତ ରାଉତ, ପ୍ରମୋଦ ଦଳେଇ, କୋଷାଧ୍ୟକ୍ଷ ସୁଶାନ୍ତ ନାୟକ, ସଦସ୍ୟ ନିରଞ୍ଜନ ନାୟକ, ଚନ୍ଦ୍ରକାନ୍ତ ସ୍ୱାଇଁ, ରାଜେନ୍ଦ୍ର ବିଶ୍ୱାଳ, ଅଜୟ ନାୟକ, ଦୀପକ ପାତ୍ର, ସୁରଜ ସ୍ୱାଇଁ, ସୋମନାଥ ସ୍ୱାଇଁ, ଦେବବ୍ରତ ସ୍ୱାଇଁ, ପର୍ଶୁରାମ ସ୍ୱାଇଁ, କାହ୍ନା ବେହେରା, ଶାନ୍ତନୁ ନାୟକ, ବିକାଶ କୁମାର, ରଣଜିତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ଆବଶ୍ୟକ ସମୟରେ ଅସହାୟଙ୍କୁ ସହାୟତା, ରକ୍ତଦାନ ଶିବିର, ସଫେଇ ଭଳି କାର୍ଯ୍ୟକ୍ରମ ହାତକୁ ନେଇ ବଜରଙ୍ଗ କ୍ଲବ ସୁନାମ ଅର୍ଜିଛି। ମଠକରଗୋଳାରେ ଶାଖା ଉଦ୍‌ଘାଟନ ହେବା ପରେ ସାମାଜିକ ସଂସ୍କାରମୂଳକ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିବ ବୋଲି ସଦସ୍ୟମାନେ କହିଛନ୍ତି।

# ସମ୍ପର୍କ ରଖିଲେ ଅନୁଷ୍ଠାନର ଭବିଷ୍ୟତ ସୁନ୍ଦର ହେବ

## ଆଇଆଇଏମ୍‌ସି ଇମ୍‌କା ଓଡ଼ିଶା ଶାଖାର କନେକ୍ସନ

**ଢେଙ୍କାନାଳ ଅଫିସ, ୧୮।୪**



କାର୍ଯ୍ୟକ୍ରମରେ ଅତଥିବୃନ୍ଦ।

ଢେଙ୍କାନାଳସ୍ଥିତ ଭାରତୀୟ ଜନସଞ୍ଚାର ସଂସ୍ଥାନ (ଆଇଆଇଏମ୍‌ସି)ର ପୁରାତନ ଛାତ୍ର ସଂଘ ଇମ୍‌କା ଓଡ଼ିଶା ଶାଖାର କନେକ୍ସନ-୨୦୨୧ ରବିବାର ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ସଞ୍ଜୟ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଅନୁଷ୍ଠାନର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଫେସର ଡ. ମୃଣାଳ ଚାଟାର୍ଜୀ ଯୋଗଦେଇ କହିଲେ, ଶୈକ୍ଷିକ ଅନୁଷ୍ଠାନଗୁଡ଼ିକ ସହିତ ପୁରାତନ ଛାତ୍ରୀଛାତ୍ରଙ୍କ ସମ୍ପର୍କ ରହିବା ଆବଶ୍ୟକ। ବିଶ୍ୱାସ, ସଦ୍‌ଭାବନା ରହିଲେ ଅନୁଷ୍ଠାନର ଭବିଷ୍ୟତ ସୁନ୍ଦର ହେବ। ପୁରାତନ ଓ ନୂତନ ଛାତ୍ରୀଛାତ୍ରଙ୍କୁ ଏକ ସୂତ୍ରରେ ବାନ୍ଧି ରଖିବା, ବୃତ୍ତିଗତ କ୍ଷେତ୍ରରେ ପରସ୍ପରକୁ ସହଯୋଗ କରିବାରେ ସଂଘ ପ୍ରମୁଖ ଭୂମିକା ଗ୍ରହଣ କରିଛି ବୋଲି କହିଥିଲେ। ଏହି ଅବସରରେ ଡିଜିଟାଲ ସାମ୍ବାଦିକତା ପାଠ୍ୟକ୍ରମରେ ଶୀର୍ଷସ୍ଥାନ ହାସଲ କରିଥିବା ୨୦୧୯-୨୦ ଶିକ୍ଷାବର୍ଷର ଇଂଲିଶ ବିଭାଗ ଛାତ୍ରୀ ପ୍ରାଚୀ ରାଠି, ଓଡ଼ିଆ ବିଭାଗ ଛାତ୍ରୀ ଦେବଶ୍ରୀ ଦେବସ୍ମିତା ସାହୁ ଏବଂ ଆରତି ବେହେରାଙ୍କୁ ୫ହଜାର ଟଙ୍କାର ଅର୍ଥରାଶି ପ୍ରଦାନ କରାଯାଇଥିଲା। ପୁରାତନ ଛାତ୍ରୀ ତଥା ଗ୍ରନ୍ଥାଗାରିକ ଶୁଭଙ୍କରୀ ଦାସ, ସଙ୍ଗୀତା ଅଗ୍ରୱାଲ, ନୀଳାଦ୍ରି ନିବାସିନୀ, ଛାତ୍ର ଅମନ ଆୟୁଷ୍ମାନ ଦାସ ପ୍ରମୁଖ ପାଠପଢ଼ା ସମୟର ସ୍ମୃତିଚାରଣ କରିଥିଲେ। ଛାତ୍ରୀ ମୋନାଲି ସାହୁ ସ୍ୱରଚିତ କବିତା ପାଠ କରିଥିଲେ। ସହକାରୀ ପ୍ରଫେସର ଡ. ଜ୍ୟୋତି ପ୍ରକାଶ ମହାପାତ୍ର, ସମ୍ବିତ୍ ପାଲ୍, ସେକ୍ସନ ଅଫିସର କେଦାରନାଥ ଜେନା, ବୈଷୟିକ ସଂଯୋଜକ ବଦ୍ରିନାଥ ଜେନା, ଏକାଡେମିକ୍ ଆସିଷ୍ଟାଣ୍ଟ ପଦ୍ମଲୋଚନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଫଟୋରେ ଖବର



ଅନୁଗୋଳ ସହରରେ ତାଳସଜର ପସରା।


ଅନୁଗୋଳ ରାଜାଛକଠାରେ ନାଇଟ୍ କର୍ଫ୍ୟୁ ସମୟରେ ପୋଲିସ ପକ୍ଷରୁ ଯାନବାହନ ଯାଞ୍ଚ। (ଫଟୋ-ବୁବୁ)

